



# ଦେଢ଼ ଘଣ୍ଟା ପୂର୍ବରୁ ଉଠିଲା ମହାଦୀପ

## ଆରାଧନା ଓ ଉପାସନାରେ ପାଳିଲେ ଜାଗର ପର୍ବ

**ଓମ୍ ନମଃ ଶିବାୟରେ ଗୁଞ୍ଜରିତ ହେଲା ଏକାମ୍ର କ୍ଷେତ୍ର**

**ରାତି ସାଢ଼େ ୮ଟାରେ ଉଠିଲା ଲିଙ୍ଗରାଜଙ୍କ ମହାଦୀପ**




ଭୁବନେଶ୍ୱର,୧୫।୨(ସମିସ):

ନିର୍ଦ୍ଧାରିତ ନୀତି ପୂର୍ବରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଛି। ରାତି ୧୦ଟାରେ ମହାଦୀପ ଉଠିବାକୁ ଥିବାବେଳେ ରାତି ୮.୩୦ରେ ଲିଙ୍ଗରାଜଙ୍କ ମହାଦୀପ ଉଠିଛି। ଯାହାଫଳରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିବା ସହ ଓଁ ନମଃ ଶିବାୟ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ଏକାମ୍ର କ୍ଷେତ୍ର। ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ରହିଥିଲା ଏକାମ୍ର କ୍ଷେତ୍ର। ରାତି ୧୦ଟାରେ ମହାଦୀପ ଉଠିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଦିନ ତମାମ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭୋର୍ ୩ଟାରୁ ନୀତିକାନ୍ତି ଆରମ୍ଭ ହୋଇଥିବାବେଳେ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରାୟ ଦେଢ଼ ଘଣ୍ଟା ବ୍ୟବଧାନରେ ମହାଦୀପ ମନ୍ଦିର ଉପରକୁ ଉଠିଥିଲା।

ଆରାଧନା ଓ ଉପାସନାରେ ଭକ୍ତମାନେ ଜାଗର ପର୍ବକୁ ପାଳନ କରିଛନ୍ତି। ଏହି ଅବସରରେ ଓଁ ନମଃ ଶିବାୟ ପଞ୍ଚାକ୍ଷର ମନ୍ତ୍ରରେ ଗୁଞ୍ଜରିତ ହୋଇଥିଲା ଏକାମ୍ର କ୍ଷେତ୍ର। ଛୋଟରୁ ବଡ଼ ସମସ୍ତେ ହର ହର ମହାଦେବ ଓ ଜୟ ଶିବଶମ୍ଭୁ ମନ୍ତ୍ରକୁ ଉଚ୍ଚାରଣ କରୁଥିଲେ। କିଏ ନମଃ ପାର୍ବତୀ ପତି ହର ହର ମହାଦେବ ଧ୍ୱନୀ ଉଚ୍ଚାରଣ କରିଥିଲେ ତ ଆଉ କିଏ ଜୟ ଜୟ କୈଳାସବାସୀ ନାମକୁ ବାରମ୍ବାର ଗୁଞ୍ଜରିତ ହେଉଥିଲେ। ମହାଶିବରାତ୍ରୀ ପର୍ବ ଅବସରରେ ଏକାମ୍ର କ୍ଷେତ୍ରକୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥିଲା। ଏକାମ୍ରର ଆରାଧ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଭକ୍ତମାନେ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପାଇଁ ରାତି ୨ଟାରୁ ଧାଡ଼ିରେ ଠିଆ ହୋଇଥିଲେ। କିଏ ହାତରେ ଲିଙ୍ଗରାଜଙ୍କ ପାଇଁ କେତକୀ ଫୁଲ ଧରିଥିଲା ତ ଆଉ କିଏ ଦୁଦୁରା, କିଆ ସହିତ ବେଲପତ୍ର, କ୍ଷୀର ଧରି ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ଲିଙ୍ଗରାଜ ମନ୍ଦିରରେ ନୂଆ ନୀତି ଅନୁଯାୟୀ ରବିବାର ରାତି ୩ଟାରୁ ସାଢ଼େ ୩ଟା ମଧ୍ୟରେ ମନ୍ଦିର ପହୁଡ଼ ଖୋଲି ମଙ୍ଗଳ ଆଳତି ଓ ଅବକାଶ ହୋଇ ସାହଣମେଲା ଦର୍ଶନ ଭୋର୍ ସାଢ଼େ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ରାତି ସାଢ଼େ ୮ଟାରେ ମହାଦୀପ ଉଠିଥିଲା।



### ■ ଧାଡ଼ିରେ ଠିଆ ହୋଇ ଅସନ୍ତୋଷ ଝାଡ଼ିଲେ ଭକ୍ତ

ଭୋର୍ ୪ଟାରୁ ଧାଡ଼ିରେ ଠିଆ ହୋଇଛୁ, ଦିନ ୧୨ଟା ହେଲାଣି ଦର୍ଶନ କରିପାରିଲୁ ନାହିଁ। ଯାହାଦ୍ୱାରା ଅନେକ ଭକ୍ତ ଅସନ୍ତୋଷ ପ୍ରକାଶ କରିଥିଲେ। ଦୂରଦୂରାନ୍ତରୁ ଆସିବା ସହିତ ନିର୍ଜଳା ଉପବାସ କରି ଧାଡ଼ିରେ ଏତେ ସମୟ ଠିଆ ହେବା ସମ୍ଭବ ହେଉନାହିଁ ଯେଉଁଥିପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଛି ତାହାକୁ ଆଉ ଟିକେ ଅଧିକ ତ୍ୱରାନ୍ୱିତ କରିଲେ ଭଲ ହୁଅନ୍ତା ବୋଲି ନୟାଗଡ଼ରୁ ଆସିଥିବା ଅଭିଲିପ୍ସା ସାହୁ କହିଛନ୍ତି।



### ■ ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କଠାରୁ ଅଧିକ ସ୍ୱେଚ୍ଛାସେବୀ

ମନ୍ଦିର ଭିତରେ ଶ୍ରଦ୍ଧାଳୁମାନେ ଯେତିକି ଥିଲେ ତାଙ୍କଠାରୁ ଅଧିକ ରହିଥିଲେ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀ। ଏହି ସବୁ ସ୍ୱେଚ୍ଛାସେବୀ ଭକ୍ତମାନଙ୍କୁ ଧାଡ଼ିରେ ଯିବାର ମାର୍ଗ ଦେଖାଉଥିବାବେଳେ ଆଉ କିଛି ସ୍ୱେଚ୍ଛାସେବୀ ଦିବ୍ୟାଙ୍ଗ ଭକ୍ତମାନଙ୍କ ଦର୍ଶନ କରାଇବାରେ ସାହାଯ୍ୟ କରୁଥିଲେ।

### ■ ଭକ୍ତଙ୍କ ହାତରେ କିଆ, କେତକୀ

ଲିଙ୍ଗରାଜ ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥିବା ଭକ୍ତମାନଙ୍କ ହାତରେ କିଆ, କେତକୀ ଫୁଲ ଦେଖିବାକୁ ମିଳିଥିଲା। ଏହି ମହାଶିବରାତ୍ରୀରେ ମହାଦେବଙ୍କୁ କିଆ, କେତକୀ, ଦୁଦୁରା ଫୁଲ ଅର୍ପଣ କଲେ କୋଟି ପୁଣ୍ୟର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ମନ୍ଦିରର ଚତୁଃପାଶ୍ୱର୍ରେ ଏହି ଫୁଲ ବିକ୍ରି ହେବା ସହିତ ପ୍ରାୟ ସମସ୍ତ ଭକ୍ତଙ୍କ ହାତରେ ଏହି ଫୁଲ ରହିଥିଲା।

### ■ ବିଶାଳ ଚାନ୍ଦୁଆରେ ଝଟକିଲା ଗର୍ଭଗୃହ

ମହାଶିବରାତ୍ରୀ ପାଇଁ ଲିଙ୍ଗରାଜ ମନ୍ଦିର ଗର୍ଭଗୃହରେ ଲାଗିଛି ଏକ ବିଶାଳ ଚାନ୍ଦୁଆ। ୨୨ ଫୁଟ୍ ଚଉଡ଼ା ଓ ୨୨ ଫୁଟ୍ ଲମ୍ବ ବିଶିଷ୍ଟ ଏହି ଚାନ୍ଦୁଆକୁ ଜଣେ ଭକ୍ତ ଦାନ କରିଛନ୍ତି। ମନ୍ଦିର ପ୍ରଶାସନ ସହଯୋଗରେ ଏଏସ୍ଆଇ ଏହାକୁ ଲଗାଇଛି।

### ବାହାରେ ଶିବ ଭିତରେ ଶିବ

ଲିଙ୍ଗରାଜ ମନ୍ଦିର ଭିତରେ ଶିବଙ୍କର ଏକ ଚିତ୍ରକୁ ବିକେ ଆର୍ଟ କଲେଜର ଜଣେ ଛାତ୍ରୀ ବସି ଅଙ୍କନ କରୁଥିବାବେଳେ ବାହାରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏକ ଶିବଙ୍କ ପ୍ରତିମୂର୍ତ୍ତି ଅଙ୍କନ କରାଯାଇଥିଲା ଯାହା ଦେଖଣାହାରିଙ୍କୁ ଅଧିକ ବିମୋହିତ କରିଥିଲା।





### ■ ଭିଡ଼ରେ ଉଛୁଳିଲା ଲିଙ୍ଗରାଜ ମନ୍ଦିର

ମହାଶିବରାତ୍ରୀ ଅବସରରେ ଲିଙ୍ଗରାଜ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଶିବରାତ୍ରୀ ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏକାମ୍ର କ୍ଷେତ୍ରକୁ ସୁଅ ଲଗାଇଥିଲେ। ଗତ ଶନିବାର ରାତିରୁ ଏକାମ୍ର କ୍ଷେତ୍ରରେ ଭକ୍ତଙ୍କ ଗହଳି ଲାଗିରହିଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଭକ୍ତମାନେ ଏକାମ୍ର କ୍ଷେତ୍ରରେ ରହିଥିବା ବିଭିନ୍ନ ମଠ ଓ ମନ୍ଦିରରେ ରହିଥିଲେ। ଭକ୍ତମାନଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ଟେଣ୍ଟ ସହିତ ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯାଇଥିଲା। ଏଥିସହିତ କିଛି ଭକ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥା ଉପରେ ଅଭିଯୋଗ କରିଛନ୍ତି। ଭକ୍ତମାନେ କହିଛନ୍ତି କି ଭିଆଇପି ଓ ଅନ୍ୟ ଅଧିକାରୀଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯାହା ଫଳରେ ସାଧାରଣ ଲୋକେ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ■ ସେବାୟତ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ

ମହାଶିବରାତ୍ରୀ ପାଇଁ ଚାରିଆଡ଼େ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ପୁଣି ଲିଙ୍ଗରାଜ ମନ୍ଦିରରେ ସେବାୟତ ପୁଲିସ ମୁହାଁମୁହିଁ ହୋଇଥିବାର ଦେଖିବାକୁ ମିଳିଥିଲା। ସେବାୟତଙ୍କ ପରିବାର ଲୋକଙ୍କୁ ଅଟକାଇବାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେବାୟତଙ୍କ ପରିବାର ପାଇଁ ଉତ୍ତରଦ୍ୱାରରେ ପ୍ରବେଶ ଥିବାବେଳେ କିଛି ସେବାୟତ ସେମାନଙ୍କ ପରିବାର ଲୋକଙ୍କୁ ଦକ୍ଷିଣ ଦ୍ୱାରରେ ଭିତରକୁ ନେବାବେଳେ ପୁଲିସ ସେବାୟତଙ୍କୁ ଅଟକାଇଥିଲା। ଯାହା ଫଳରେ ସେବାୟତ ଓ ପୁଲିସ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ସହିତ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ହେଲେ ଏଠାରେ କଥା ଉଠୁଛି ଯେ ମହାଶିବରାତ୍ରୀ ପୂର୍ବରୁ ଘନ ଘନ ବୈଠକ ଓ ନେତା ମନ୍ତ୍ରୀଙ୍କ ମନ୍ଦିରକୁ ଆଗମନ ସହ ତଦାରଖ କରିବାର ଫଳ କ'ଣ ମିଳିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



### ଭକ୍ତଙ୍କୁ ପଣା ଓ ସର୍ବତ ବଣ୍ଟନ

ମହାଶିବରାତ୍ରୀରେ ଅନେକ ଭକ୍ତ ମାନସିକ କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭକ୍ତମାନଙ୍କ ପାଇଁ ଦହି ସର୍ବତ, ଲେମ୍ବୁପାଣି, ଗ୍ଲୁକୋଜ, ମାଜା ଆଦି ବଣ୍ଟନ କରୁଥିଲେ। ଲିଙ୍ଗରାଜ ମନ୍ଦିର ଭିତରେ ମଧ୍ୟ ଅନେକ ସ୍ୱେଚ୍ଛାସେବୀ ପାଣି ମଧ୍ୟ ଭକ୍ତଙ୍କୁ ବାଣ୍ଟୁଥିଲେ। ଏହି ସବୁ ସଂଗଠନ ମଧ୍ୟରୁ ଲିଓରା ନାମକ ଏକ ସଂଗଠନ ପକ୍ଷରୁ ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ଗ୍ଲୁକୋଜ୍, ମାଜା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ୟ ଥଣ୍ଡା ପାନୀୟର ବ୍ୟବସ୍ଥା କରାଯାଇଥିଲା।

### ଅସୁସ୍ଥ ହୋଇ ପଡ଼ିଲେ ମହିଳା ଭକ୍ତ

ମହାଶିବରାତ୍ରୀ ଅବସରରେ ଲିଙ୍ଗରାଜ ମନ୍ଦିରକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଆସିଥିବାବେଳେ ଜଣେ ମହିଳା ଭକ୍ତ ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ସଙ୍ଗେସଙ୍ଗେ ସ୍ୱେଚ୍ଛାସେବୀମାନେ ଅସ୍ଥାୟୀ ଆଶୁ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।



### ମାଫିଆଙ୍କ ଟାର୍ଗେଟରେ ହରପୁର

# ଥାନା ପଛପଟେ ବେଆଇନ ମୋରମ୍ ଖଣି

**ଭୁବନେଶ୍ୱର,୧୫।୨(ସମିସ):**

**କାଟି ସାରିଲେଣି ହଜାରେ ଗଛ**

**୧୦ ଏକର ଖଣିରୁ ନେଇଗଲେଣି ମୋରମ୍**

**ଶୋଇଛି ଖଣି ବିଭାଗ**





রাজধানী... 

ରାଜଧାନୀ ଉପକଣ୍ଠରେ ଏବେ ମୋରମ୍ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମହାମାରୀ ବ୍ୟାପିବା ପରି ଗୋଟିଏ ପରେ ଗୋଟିଏ ମୌଜାରେ ବେଆଇନ ଖଣି ଖୋଲି ମୋରମ୍ ଚାଲାଣ କରୁଛନ୍ତି। ଏବେ ମାଫିଆଙ୍କ ନଜର ପଡ଼ିଛି ଜଟଣୀ ତହସିଲ ହରପୁର ମୌଜାରେ। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ବେଆଇନ ଭାବେ ଖଣି ଖୋଲା ହେଉଥିଲେ ମଧ୍ୟ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଡାଟା ସେଣ୍ଟର ପଛପଟେ ରହିଛି ଆବାଦ ଯୋଗ୍ୟ ଅନାବାଦୀ ଜମି। ହରପୁର ମୌଜାରେ ରହିଥିବା ଏହି ୪୮ ଏକର ଜମିରେ ପୂର୍ବରୁ ଅନେକ କାଜୁ, ଔଷଧୀୟ ଓ ଅନ୍ୟାନ୍ୟ କିସମର ଗଛ ଲାଗିଥିଲା। ସେହି ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି ମାଫିଆ। ପ୍ରାୟ ୧୦ ଏକର ପରିମିତ ଜମିରୁ ହଜାରେରୁ ଊର୍ଦ୍ଧ୍ୱ ଗଛ କାଟି ସଫା କରି ଦେଇଛନ୍ତି। ଗଛ ଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର ପରେ ଆରମ୍ଭ ହୋଇଛି ଖଣି ଖନନ। ସଞ୍ଜ ନଇଁବା ମାତ୍ରେ ଆରମ୍ଭ ହୋଇଯାଉଛି ବେଆଇନ୍ ଖନନ। ଏକାଧିକ ଜେସିବି ମେସିନ୍ ଲଗାଇ ମୋରମ୍ ଖୋଳି ଗଦା କରୁଛନ୍ତି। ରାତି ୧୦ଟା ପରେ ଖଣିରେ ଲାଗୁଛି ହାଇୱା ଟ୍ରକ୍। ଗୋଟିଏ ରାତିରେ ୨୦ ଟ୍ରକ୍ ଲଗାଇ ମୋରମ୍ ବୋହି ନେଉଛନ୍ତି। ପ୍ରତ୍ୟେକ ଦିନ ରାତିରେ ପ୍ରାୟ ୨୦୦ ଟ୍ରିପ୍ ବେଆଇନ ଭାବେ ଚାଲାଣ ହେଉଛି। କେବଳ ଏତିକି ନୁହେଁ, ମୋରମ୍ ଖଣିକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକରେ ଏଜେଣ୍ଟମାନେ ଛକି ରହୁଛନ୍ତି। କୌଣସି ଅଚିହ୍ନା ଗାଡ଼ି ଆସିଲେ ସାଙ୍ଗେ ସାଙ୍ଗେ ଖବର ଦେଉଛନ୍ତି।

ବେଆଇନ ଖଣି ଖନନ ପାଇଁ ବିରାଟ ବିରାଟ ଖାଲ ସୃଷ୍ଟି ହେଉଛି। ଚରିବାକୁ ଯାଇଥିବା ଗାଈଗୋରୁମାନେ ସେହି ଗାତରେ ପଡ଼ି ପ୍ରାଣ ହରାଉଛନ୍ତି। ସବୁଦିନ ମୋରମ୍ ଚାଲାଣ ହେଉଥିବାରୁ ପାଶ୍ୱର୍ ପିଚୁରାସ୍ତା ଗୁଡ଼ିକରେ ପଡ଼ି ମୋରମ୍ ହୋଇଗଲାଣି। ନିୟମିତ ମୋରମ୍ ଚାଲାଣ ଯୋଗୁ ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦୂଷିତ ହେଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ଇନ୍‌ଫୋଭ୍ୟାଲି ଥାନା ପଛପଟେ ଏଭଳି ବେଆଇନ କାରବାର ଚାଲିଛି। ଥାନା ପଛପଟେ ଦୀର୍ଘଦିନ ଧରି ବେଆଇନ ଖଣି ଚାଲିଥିଲେ ମଧ୍ୟ ପୁଲିସ ପାଖରେ ଖବର ନଥିବା ପରି ମନେହେଉଛି। ସେପଟେ ଖଣି ଓ ବାଲିଘାଟ ଖଣି ବିଭାଗ ଅଧିନରେ ରହିଛି। ଏହାର ସୁପରିଚାଳନା ଓ ବେଆଇନ କାରବାର ରୋକିବାକୁ ଜିଲ୍ଲାସ୍ତରରେ ଖଣି ଅଧିକାରୀ ନିଯୁକ୍ତ ହୋଇଛନ୍ତି। ହେଲେ ଆଖିଦୃଶିଆ ଧରପଗଡ଼ ହେଉନଥିବାରୁ ମାଫିଆଙ୍କୁ ସୁହାଉଛି। ସରକାର ରାଜସ୍ୱ ହରାଉଥିବା ବେଳେ ମାଫିଆମାନେ ପ୍ରତ୍ୟେକ ଦିନ ମୋରମ୍ ଖନନ ଓ ଚାଲାଣ କରି ମାଲାମାଲ୍ ହେଉଛନ୍ତି।

# ଦ୍ୱାଦଶ ଭୁବନେଶ୍ୱର ରେଡିଓ ମେଳା ଉଦ୍‌ଯାପିତ




**ଭୁବନେଶ୍ୱର,୧୫।୨(ସମିସ):** ଭୁବନେଶ୍ୱର ଏକାମ୍ର ହାଟଠାରେ ସାମାଜିକ ଅନୁଷ୍ଠାନ "ଆଉଟରିଚ୍' ପକ୍ଷରୁ ଆୟୋଜିତ ଦ୍ୱାଦଶ ବିଶ୍ୱ ରେଡିଓ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ବେଷ୍ଟ ୟୁଜ୍ ଅଫ୍ ରେଡିଓ ଇନ୍ ପବ୍ଲିକ୍ ସର୍ଭିସ' ପାଇଁ କୋଣାର୍କ ସ୍ଥିତ "ୟଙ୍ଗ ଇଣ୍ଡିଆ' ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସେହିପରି 'ଉପେନ୍ଦ୍ର କୁମାର ପାହାଡସିଂହ ସ୍ମୃତି ସମ୍ମାନ'ରେ ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗର ସମ୍ବାଦ ଉପସ୍ଥାପକ ସନ୍ତୋଷ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ସମାଜସେବୀ ରୋଜାଲିନ୍ ପାଟଶାଣୀ ମିଶ୍ର, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ସନ୍ୟାସ ବେହେରା ଏବଂ ସ୍ୱର୍ଗତ ଉପେନ୍ଦ୍ର କୁମାର ପାହାଡସିଂହଙ୍କ ସହଧର୍ମିଣୀ ବିଜୟଲକ୍ଷ୍ମୀ ପାହାଡସିଂହ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ରେଡିଓ ମେଳାର ଆକର୍ଷଣୀୟ ଆୟୋଜନ ଏବଂ ଏହାର ପ୍ରଚାର-ପ୍ରସାରରେ ଆଉଟରିଚ୍‌ର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଆଉଟରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତି ପରିଚାଳନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଚଳିତବର୍ଷ ରେଡ଼ିଓ ମେଳାରେ ୩ ହଜାରରୁ ଊର୍ଦ୍ଧ୍ୱ ରେଡ଼ିଓ ଗ୍ରାମଫୋନ, ହାମ ରେଡ଼ିଓ ଏବଂ ପ୍ରସାରଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜରୁରୀକାଳୀନ ସମୟରେ ରେଡ଼ିଓ ବ୍ୟବହାର ସମ୍ପର୍କିତ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଥିଲା। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ରେଡ଼ିଓ ସଂଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସିଆଇଆଇ ଆଇଡବ୍ଲୁଏନ୍ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର

**ଭୁବନେଶ୍ୱର,୧୫।୨(ସମିସ):** ବ୍ରିଟିଶ ଡେପୁଟି ହାଇ କମିଶନ, କୋଲକାତା ଏବଂ ଚିଭନିଂ ଇଣ୍ଡିଆ ସହଯୋଗରେ 'ସୁ-ସ୍ଥାୟୀ ଭବିଷ୍ୟତ ପାଇଁ ଜଳବାୟୁ ସହନଶୀଳତା ଓ ସ୍ୱଚ୍ଛ ରୂପାନ୍ତରଣ' ବିଷୟରେ ଏକ ଆଲୋଚନାଚକ୍ର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଛି। ସଭାରେ ସିଆଇଆଇ ଆଇଡବ୍ଲୁଏନ୍ ଓଡ଼ିଶା ଅଧ୍ୟକ୍ଷା ଜୁବିନା ଆଲି, ସିଆଇଆଇ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ବ୍ରିଟିଶ ଡେପୁଟି ହାଇ କମିଶନର, କୋଲକାତା ଡା. ଆଣ୍ଡ୍ରୁ ଫ୍ଲେମିଙ୍ଗ, ଚିଭନିଂ ଇଣ୍ଡିଆର ମୁଖ୍ୟା ସୁପ୍ରିୟା ଚାବଲା ଏବଂ ସ୍ନେହପ୍ରଭା ଦାସ ପ୍ରମୁଖ ଉପସ୍ଥିତ ରହି ସୁସ୍ଥାୟୀ ଭବିଷ୍ୟତ ପାଇଁ ଶିଳ୍ପ, ନୀତି ଏବଂ ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

## ଦୁର୍ଘଟଣାରେ କନେଷ୍ଟବଳଙ୍କ ମୃତ୍ୟୁ

**ବାଲିପାଟଣା,୧୫।୨(ସମିସ):** ବାଲିପାଟଣା ଥାନାରେ କାର୍ଯ୍ୟରତ ଅତିରିକ୍ତ ପୁଲିସ ବାହିନୀର କନେଷ୍ଟବଳ ନୀଳକଣ୍ଠ ପୁଆଲାଙ୍କର ରବିବାର ସକାଳେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଗତ ରବିବାର ଡ୍ୟୁଟିକୁ ବାଇକ୍‌ରେ ଯାଉଥିବାବେଳେ ଅଠାନ୍ତରଠାରେ ଦୁର୍ଘଟଣା ଘଟି ଗୁରୁତର ହୋଇଥିଲେ। ଅଠାନ୍ତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଗତବର୍ଷ ତାଙ୍କର ବିବାହ ହୋଇଥିଲା। ତେଲୁଗୁ ସମ୍ପ୍ରଦାୟର ହୋଇଥିଲେ ବି ସେ, ରାୟଗଡ଼ା ଅଞ୍ଚଳର ସ୍ଥାୟୀ ବାସିନ୍ଦା ଥିଲେ। ମା' ଓ ସ୍ତ୍ରୀଙ୍କ ବ୍ୟତିତ ତାଙ୍କର ଆଉ କେହି ନଥିବାରୁ ଥାନାର କର୍ମଚାରୀଙ୍କ ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ମୃତଦେହକୁ ନେଇ ସ୍ୱର୍ଗଦ୍ୱାରରେ ସଂସ୍କାର କରିଛନ୍ତି। ବାଲିପାଟଣାଠାରେ ତାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଏସ୍‌ଆଇ ଶଶିକାନ୍ତ ବେହେରା, ପଦ୍ମଲୋଚନ ବେହେରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଦୁର୍ଘଟଣା ପରେ ବିଲରେ ପଶିଗଲା ଦୁଇ କାର୍



**ବଡ଼ରଘୁନାଥପୁର,୧୫।୨(ସମିସ):** ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ବରଗଡ଼ିଆ ନିକଟରେ ବାଇକ୍ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ଦୁଇ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତ୍ୟୁବରଣ କରି ନ ଥିଲେ ମଧ୍ୟ ୨ଜଣ ଆହତ ହୋଇଛି। ସେମାନଙ୍କୁ ଏମ୍ସ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ପୁଲିସ ଏସ୍‌ଆଇ ରହିଥିବାବେଳେ ସେ ତାଙ୍କ ଝିଅକୁ ନେଇ ଗୀତା କଲେଜକୁ ଜେଇ ପ୍ରବେଶିକା ପରୀକ୍ଷା ଦେବାକୁ ଆସୁଥିଲେ। ଅପରପକ୍ଷେ ଦୁଇଟି କାର ଦୁର୍ଘଟଣା ପରେ ବିଲ ଭିତରକୁ ପଶି ଯାଇଥିଲା। ଇନ୍‌ଫୋସିଟି ଥାନା ପୁଲିସ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ପରେ ଦୀର୍ଘ ସମୟ ଧରି ଗୋହିରା-ଛତାବର୍ ରାସ୍ତା ଜାମ ହୋଇଯାଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଭୁବନେଶ୍ୱର,୧୫।୨(ସମିସ):** ଶିଶୁଭବନ-ରାଜମହଲ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀ ମୃତ୍ୟୁ ଘଟିଛି। ମୃତକ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରଚିତ ନାୟକ। ତାଙ୍କ ସହ ବାଇକରେ ଯାଉଥିବା ବିଶେଶ୍ୱର ପ୍ରଧାନ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ରଚିତ ଓ ବିଶେଶ୍ୱର ବୁଲେଟ ଯୋଗେ ଶିଶୁଭବନରୁ ରାଜମହଲକୁ ଆସୁଥିଲେ। ରାସ୍ତା ମଝିରେ ଥିବା ଏକ ହମ୍ପସ ନିକଟରେ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ରଚିତଙ୍କୁ ମୃତ ଘୋଷଣା କରିଥିଲେ।

## ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୨(ସମିସ):** ବରମୁଣ୍ଡାସ୍ଥିତ ଫ୍ରେଣ୍ଡସ୍ ଆସୋସିଏସନ ତରଫରୁ ଶନିବାର ଆସୋସିଏସନ ସଭାଗୃହରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସର୍ବୋଚ୍ଚଯନ୍ତ୍ରୀ (ବିଦ୍ୟୁତ୍) ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ସଭ୍ୟସଭ୍ୟାମାନେ ପରିବେଶ ସୁରକ୍ଷା ଦିଗରେ କିପରି ଯୋଗଦାନ ଦେଇପାରିବେ ବୁଝାଇଥିଲେ। ଭୌଗୋଳିକ, ଆଧ୍ୟାତ୍ମିକ, ସାମାଜିକ, ଶିକ୍ଷାଗତ ଓ ବୃତ୍ତିଗତ ପରିବେଶ ଦିଗରେ ଯଦି ଆମେ କାମ କରିପାରିବା, ତେବେଯାଇ ପରିବେଶର ସମ୍ପୂର୍ଣ୍ଣ ସୁରକ୍ଷା ହୋଇପାରିବ ବୋଲି ସେ କହିଥିଲେ। ଆସୋସିଏସର ସଭାପତି ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସ୍ଥାନୀୟ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂହଙ୍କ ସମେତ ଉପସଭାପତି ଇଂ ଦାମୋଦର ସାହୁ, କାର୍ଯ୍ୟକାରୀ ସଭାପତି ସୁଶ୍ରୀ ସ୍ନେହାଞ୍ଜଳି ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ସ୍ୱାଇଁ, କୋଷାଧ୍ୟକ୍ଷ ଶ୍ରୀ ରଣଜିତ କିଶୋର ବଳଙ୍କ ସହିତ ପ୍ରାୟ ୫୦ ଜଣ ସଭ୍ୟସଭ୍ୟା ଯୋଗଦେଇଥିଲେ ଏବଂ ପରିବେଶ ସୁରକ୍ଷାର ଶପଥ ନେଇଥିଲେ।

# ହୃଦୟ ଛୁଇଁଲା 'ବର ବଧୂ'



**ଭୁବନେଶ୍ୱର,୧୫।୨(ସମିସ):** ମଧ୍ୟବିତ୍ ପରିବାରର ନୂଆ-ନୂଆ ବିବାହିତ ସ୍ୱାମୀ-ସ୍ତ୍ରୀଙ୍କ ଜୀବନକୁ କେନ୍ଦ୍ର କରି ନିର୍ମିତ ନିଛକ ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ' ରୂପେଲି ପରଦାରେ ପ୍ରେମ, ପରମ୍ପରା ଓ ପାରିବାରିକ ସମ୍ପର୍କର ଅନୁଭୂତିକୁ ଜୀବନ୍ତ କରିଛି। ପାରିବାରିକ ସମ୍ବନ୍ଧର ସୂକ୍ଷ୍ମ ଭାବନା ଓ ସମ୍ପର୍କର ସେତୁକୁ ଦୃଢ଼ କରି ରଖିବାର ଅନବରତ ପ୍ରୟାସକୁ ଆଧାର କରି ଗଢ଼ାଯାଇଥିବା ଏହି ସିନେମା ଦର୍ଶକଙ୍କ ମନକୁ ଛୁଇଁଛି। ଭୁବନେଶ୍ୱରସ୍ଥିତ ସ୍ୱାତୀ ସିନେମା ହଲରେ ଏହାର ସ୍ପେଶାଲ ସ୍କ୍ରିନିଂ ଏବଂ ମହାରାଜା ସିନେମା ହଲ୍‌ରେ ପ୍ରିମିୟର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହଲ୍‌ରେ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା। ସିନେମାରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ସ୍କ୍ରିନ୍ କେମିଷ୍ଟ୍ରି ଦର୍ଶକଙ୍କ ହୃଦୟ ଜିତିଛି। ଶୁଭାଶିଷ ଶର୍ମା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ଓ ଭାସ୍ୱତୀ ବସୁଙ୍କ ନିଖୁଣ ଅଭିନୟ ସିନେମାକୁ ଆହୁରି ପ୍ରଭାବଶାଳୀ କରିଛି। ଦି ୟୁଜ୍‌ଫୁଲ ଗାର୍ବେଜ କ୍ରିଏସନ ବ୍ୟାନରରେ ଚନ୍ଦ୍ରମଣିଙ୍କ ପ୍ରଯୋଜନାରେ ଏହି ଚଳଚ୍ଚିତ୍ର ନିର୍ମିତ। ନିର୍ଦ୍ଦେଶକ ବିଶ୍ୱରଞ୍ଜନଙ୍କ ନିର୍ଦ୍ଦେଶନା ସିନେମାକୁ ଏକ ସମ୍ବେଦନଶୀଳ ରୂପ ଦେଇଛି। 'ବର ବଧୂ' କେବଳ ଏକ ସିନେମା ନୁହେଁ, ବରଂ ଓଡ଼ିଆ ପାରିବାରିକ ଜୀବନର ଏକ ଜୀବନ୍ତ ପ୍ରତିଛବି ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି।

**ସ୍ୱାତୀରେ ସ୍ପେଶାଲ ସ୍କ୍ରିନିଂ, ମହାରାଜାରେ ପ୍ରିମିୟର**

## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ପରଲୋକ

**ନନ୍ଦନକାନନ,୧୫।୨(ସମିସ):** ଉତ୍ତର ଭୁବନେଶ୍ୱର ୩୦ ନମ୍ବର ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ତଥା ଟାଙ୍ଗିବନ୍ତ ଗ୍ରାମର ପୂର୍ବତନ ସଭାପତି ପବିତ୍ର ମୋହନ ସ୍ୱାଇଁ (୫୮) ଙ୍କ ଜାଗର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଉତ୍ତର ଭୁବନେଶ୍ୱର ତଥା ଅଞ୍ଚଳରେ ବିଜେଡିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ସେ ଅଞ୍ଚଳର ଜଣେ ନାମକରା ଫୁଟବଲ ଖେଳାଳି ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉଚ୍ଚକୋଟିର ପଶା ଖେଳାଳି ଭାବେ ମଧ୍ୟ ସୁନାମ ଅର୍ଜନ କରିଥିଲେ। ମୃତ୍ୟୁ ଖବର ପାଇ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ବିଜେଡିର ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଅନ୍ନପୂର୍ଣ୍ଣା ମିଶ୍ର, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ବରିମୁଣ୍ଡ ସମିତିସଭ୍ୟ ସସ୍ମିତା ବରାଳ, ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ନିର୍ମଳ ରାଉତ, ପୂର୍ବତନ ସରପଞ୍ଚ ସନ୍ତୋଷ ନାଥ, ପୂର୍ବତନ ସରପଞ୍ଚ ସୁକାନ୍ତ ଜେନା, ବୀରେନ୍ଦ୍ର ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ। ପବିତ୍ରଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଟାଙ୍ଗିବନ୍ତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ବିଭୁତି ମୁଖାଗ୍ନି ଦେଇଥିଲେ। କନିଷ୍ଠ ପୁତ୍ର ଚିକୁନି, ବନ୍ଧୁ ପରିବାର ବର୍ଗ, ଗ୍ରାମବାସୀ ଉପସ୍ଥିତ ରହି ଶୋକ ବ୍ୟକ୍ତ କରିଥିଲେ।



### ଗାଡ଼ି ଲାଇଟ୍ ପଡ଼ିବାକୁ ନେଇ ବିବାଦ

# ଯୁବକଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ

**ଭୁବନେଶ୍ୱର,୧୫।୨(ସମିସ):** ଗାଡ଼ି ଲାଇଟ୍ ପଡ଼ିବାକୁ ବିରୋଧ କରିବାରୁ ଘରେ ପଶି ଯୁବକଙ୍କୁ ଆକ୍ରମଣ କରିଛନ୍ତି। ଦୁଇ ପକ୍ଷ ମାରପିଟ୍ ହେବା ସହ ଦୁଇ ଜଣ ଆହତ ହୋଇଛନ୍ତି। ପଥରବନ୍ଧ ବସ୍ତିରେ ଏଭଳି ଘଟଣା ଘଟିଥିବା ବେଳେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଥରବନ୍ଧ ବେହେରା ସାହିରେ ରହୁଥିବା ଶରଣକୁଳ ଥାନା ଗୋଡ଼ିପଡ଼ାର ମାନସ ରଞ୍ଜନ ଦାସ ଓରଫ୍ ମୁନା (୩୨)।



ପୁଲିସ ସୂଚନା ଅନୁସାରେ, ପଥରବନ୍ଧ ବସ୍ତିର ଅଂଶୁମାନ ଦାସ, ସଂଗ୍ରାମ ଲେଙ୍କା, ରାଜେନ୍ଦ୍ର ଦାସ, ବିକ୍ରମ ମହାନ୍ତି ଅଭିଜିତ ଡାଲୁଅ ଓ ଅନ୍ୟ ସାଙ୍ଗମାନେ ପଥରବନ୍ଧ ଖେଳ ପଡ଼ିଆରେ ବସିଥିଲେ। ସେହି ସମୟରେ ମାନସ କାର୍ ଯୋଗେ ଆସି ପହଞ୍ଚିଥିଲା। ମାନସର ଗାଡ଼ି ଲାଇଟ୍ ମୁହଁରେ ପଡ଼ିବାରୁ ଅଂଶୁମାନ ଓ ସାଙ୍ଗମାନେ ବିରୋଧ କରିଥିଲେ। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହେବା ସହ ପରେ ସମସ୍ତେ ଘରକୁ ପଳାଇଥିଲେ।

ମାନସ ରାତି ପ୍ରାୟ ୧୧ଟା ୩୦ ବେଳକୁ ଅଂଶୁମାନଙ୍କ ଘରକୁ ଯାଇ ଗାଳିଗୁଲଜ କରିଥିଲା। ସେହି ସମୟରେ ଅଂଶୁମାନଙ୍କ ସାଙ୍ଗ ସଂଗ୍ରାମ ଲେଙ୍କା ଆସି ପହଞ୍ଚିଥିବା ବେଳେ ଅପରପଟେ ମାନସର ଭିଣୋଇ କାର୍ତ୍ତିକ ନାୟକ ଆସି ପହଞ୍ଚିଥିଲା। ଲାଇଟ୍ ପଡ଼ିବା କଥାକୁ ନେଇ ଦୁଇ ପକ୍ଷ ହାତାହାତି ହୋଇଥିଲେ। ଆକ୍ରମଣରେ ଅଂଶୁମାନ ଓ କାର୍ତ୍ତିକ ଗୁରୁତର ହୋଇଥିଲେ। ଅଂଶୁମାନଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରିଥିଲା। ରବିବାର ମାନସକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଅପରପକ୍ଷର ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ନିବେଶ ଆଳରେ ୫.୫ ଲକ୍ଷ ଠକେଇ

# ବେଗୁନିଆରୁ ଧରାପଡ଼ିଲେ ଦୁଇ ଠକ

**ଭୁବନେଶ୍ୱର,୧୫।୨(ସମିସ):**



ସେୟାର ମାର୍କେଟରେ ନିବେଶ ଆଳରେ ଠକେଇ କରିଥିବା ଦୁଇ ଜଣଙ୍କୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବେଗୁନିଆ ଥାନା ପିଚୁକୁଳିର ବିକାଶ ଚନ୍ଦ୍ର ନାଏକ ଓରଫ୍ ଲିଟୁ (୪୫) ଓ ଟିକାତାଳର ଭାସ୍କର ଚନ୍ଦ୍ର ବେହେରା (୪୪)।

ପୁଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ବୁଦ୍ଧେଶ୍ୱରୀ କଲୋନୀର ତ୍ରିଲୋଚନ ପରିଡ଼ା ଗତବର୍ଷ ନଭେମ୍ବରରେ ଫେସ୍‌ବୁକରେ ଟ୍ରେଡିଂ ଆପ୍ଲିକେସନ ବିଜ୍ଞାପନ ଦେଖିଥିଲେ। ଯୋଗାଯୋଗ କରିବା ପରେ ସାଇବର ଠକ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡ଼ି ଦେଇଥିଲେ। ଗ୍ରୁପ୍ ଆଡମିନ୍ ନିଜକୁ ସେୟାର ମାର୍କେଟ ବିଶେଷଜ୍ଞ ବୋଲି ପରିଚୟ ଦେଇ ନିବେଶ କରିବାକୁ କହିଥିଲା। ତ୍ରିଲୋଚନ ତାଙ୍କ କଥାରେ ପଡ଼ି ୩ଟି ପର୍ଯ୍ୟାୟରେ ମୋଟ ୫ ଲକ୍ଷ ୫୩ ହଜାର ୧୦୦ ଟଙ୍କା ନିବେଶ କରିଥିଲେ। ଟଙ୍କା ନିବେଶ ପରେ ଆପ୍ଲିକେସନ ୱାଲେଟରେ ୭୪ ଲକ୍ଷ ଟଙ୍କା ଲାଭ ହୋଇଥିବା ଦେଖାଇଥିଲା। ତ୍ରିଲୋଚନ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ, ତାହା ସମ୍ଭବ ହୋଇନଥିଲା। ଓଲଟି ଆପ୍ଲିକେସନଟି ବ୍ଲକ୍ ହୋଇଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ତ୍ରିଲୋଚନ ଭୁବନେଶ୍ୱର ସାଇବର ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ସବିଶେଷ ତଥ୍ୟ ମଗାଇବା ପରେ ବିକାଶ ଓ ଭାସ୍କର ବ୍ୟାଙ୍କ୍ ଆକାଉଣ୍ଟକୁ ଠକେଇ ଟଙ୍କା ଯାଇଥିବା ଜଣାପଡ଼ିଥିଲା। ରବିବାର ସାଇବର ଥାନା ପୁଲିସ ବେଗୁନିଆ ଥାନା ଅଞ୍ଚଳରେ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଭୁବନେଶ୍ୱର ସିଟି



## ମନ୍ଦିରମାଳିନୀ ସହରରେ ମହାଶିବରାତ୍ରି

# ‘ଓଁ ନମଃ ଶିବାୟ’ ଧ୍ୱନିରେ କମ୍ପିଲା ଶୈବପୀଠ



ଭୁବନେଶ୍ୱର,୧୫ା୨(ସମିସ):

ମନ୍ଦିରମାଳିନୀ ସହରରେ ମହାଶିବରାତ୍ରି ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ। ଶିବ ପଞ୍ଚାକ୍ଷର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶୈବପୀଠ। ଏକାମ୍ରକ୍ଷେତ୍ର ଅଧିଷ୍ଠିତ ଲିଙ୍ଗରାଜ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମେଘେଶ୍ୱର ମନ୍ଦିର ସମେତ କେଦାରଗୌରୀ ମନ୍ଦିର, ଚିନ୍ତାମଣିଶ୍ୱର ମନ୍ଦିର, ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ନୀଳାଦ୍ରିବିହାରସ୍ଥିତ ଈଶାନେଶ୍ୱର, ଚନ୍ଦ୍ରଶେଖରପୁରସ୍ଥିତ ଶିବମନ୍ଦିର ଆଦି ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ସହରର ପ୍ରତ୍ୟେକ ଛୋଟବଡ଼ ଶିବ ମନ୍ଦିରରେ ଆଜି ସକାଳୁ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ସନ୍ଧ୍ୟାରେ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁ ଜାଗର ଜାଳି ବସିଥିଲେ। ଶୈବପୀଠରେ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବା ସହ ରାତିରେ ମହାଦୀପ ଉଠିଥିଲା।



ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଦୀପ ଉଠୁଛି

### ■ ୟୁନିଟ-୫ ଚଣ୍ଡେଶ୍ୱର ଓ ଜଗନ୍ନାଥ ମନ୍ଦିର

ୟୁନିଟ-୫ସ୍ଥିତ ଚଣ୍ଡେଶ୍ୱର ଓ ଜଗନ୍ନାଥ ମନ୍ଦିରରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଦୁକ ନଳା ସହିତ ତତ୍‌ସଂଲଗ୍ନ ଅଞ୍ଚଳ ସଫାସୁତୁରା କରାଯାଇ ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ସୁସଜ୍ଜିତ ତୋରଣ, ଫୁଲରେ ସଜା ଯାଇଥିବାବେଳେ ରଙ୍ଗୀନ ଆଲୋକମାଳାରେ ସଜା ଯାଇଥିଲା।



ଭୋରରୁ ମଙ୍ଗଳ ଆଳତୀ, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ଜାଗର ବେଶ, ଦ୍ୱିପହର ଧୂପ, ସନ୍ଧ୍ୟା ଆଳତୀ, ବେଶ ଶୃଙ୍ଗାର, ବେଢା ପରିକ୍ରମା ଆଦି ନୀତି ପରେ ରାତ୍ରି ୧୦.୧୦ରେ ମହାଦୀପ ଉଠିଥିଲା। ଚଣ୍ଡେଶ୍ୱର ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖରେ ଅପରାହ୍ନରୁ ହୋମ ଯଜ୍ଞ ଆରମ୍ଭ ହୋଇ ମହାଦୀପ ପୂର୍ବରୁ ପୂର୍ଣ୍ଣାହୁତି ହୋଇଥିଲା। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଭଜନ ସମାରୋହରେ ଭକ୍ତିମୟ ପରିବେଷ ସୃଷ୍ଟି କରିଥିଲା। ଏହାପରେ ସମୂହ ଦୀପଦାନ ଅନୁଷ୍ଠିତ ହୋଇଛି। ମହାଦୀପ ପରେ ଉପସ୍ଥିତ ସବୁ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



## ଜାଳିଲେ ଜାଗର, ପୂଜିଲେ ହର

ବଡ଼ରଘୁନାଥପୁର, ୧୫ା୨ (ସମିସ): ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଗ୍ରାମର ନୀଳକଣ୍ଠେଶ୍ୱରଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ସକାଳୁ ଆଖପାଖ ପ୍ରାୟ ୨୦ଟି ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶିବ ଦର୍ଶନ ପାଇଁ ଲମ୍ବା ଧାଡ଼ି ଲଗାଇଥିଲେ। ସନ୍ଧ୍ୟାରେ ପ୍ରାୟ ୪ ହଜାରରୁ ଅଧିକ ଶ୍ରଦ୍ଧାଳୁ ଜାଗର ଜାଳିଥିଲେ। ରାତି ୧୦ ଟା ବେଳକୁ ମହାଦୀପ ଉଠିଥିଲା। ଏହି ଅବସରରେ ସପ୍ତାହ ବ୍ୟାପୀ ବାଦୀପାଲା ଆୟୋଜନ କରାଯାଇଛି। ଏସବୁ କାର୍ଯ୍ୟରେ ବଡ଼ରଘୁନାଥପୁର ଗ୍ରାମବାସୀ, ବଡ଼ରଘୁନାଥପୁର ବ୍ୟବସାୟୀ ସଂଘ, ଯୁବଶ୍ରୀ କ୍ଳବ ସଦସ୍ୟମାନେ ସହଯୋଗ କରିଥିଲେ।

**ହଂସପାଳ:** ଜାଗର ଉପଲକ୍ଷେ ହଂସପାଳର ବଟୁକେଶ୍ୱର ମନ୍ଦିର, ବାଲିଅନ୍ତାର ଶ୍ରୀ ନିକୁଞ୍ଜବିହାରୀ ମନ୍ଦିରରେ ଦିନତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସୁବିଧାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶ୍ରୀ ନିକୁଞ୍ଜବିହାରୀ ପୂଜକ ଶ୍ରୀଧର ଦାସଙ୍କ ସୂଚନା ଅନୁସାରେ ମନ୍ଦିରର ମହାଦୀପ ରାତି ୧୦ରେ ଉଠିବା ନେଇ ସମସ୍ତ କାର୍ଯ୍ୟ ଠିକ୍‌ରେ ଚାଲିଛି। ମନ୍ଦିର ପରିସରରେ ଏହି ସମସ୍ତ କାର୍ଯ୍ୟକ୍ରମ ମନ୍ଦିର କମିଟି ପକ୍ଷରୁ ପରିଚାଳନା କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମବାସୀ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରିଥିଲେ। ମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶାନ୍ତିଶୃଙ୍ଖଳା ସହ ଦର୍ଶନ ପାଇଁ ବାଲିଅନ୍ତା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ଭାବରେ ସମେଇଗଡ଼ିଆ ସୋମନାଥ ମନ୍ଦିର, ପାହାଳ ଲକ୍ଷେଶ୍ୱର ମନ୍ଦିର, ତଳଗଡ଼ ବେଲେଶ୍ୱର, ଅଟଳା ଶିବମନ୍ଦିର, ବେଣ୍ଟପୁର ନୀଳକଣ୍ଠ ମନ୍ଦିରରେ ମଧ୍ୟ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

**ଯାଁଳା:** ଯାଁଳା ଓ ଏହାର ଆଖପାଖ ଗ୍ରାମରେ ଥିବା ଶୈବପୀଠରେ ଜାଗର ଯାତ୍ରା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମୁଣ୍ଡମୁହାଣ ଗ୍ରାମେଶ୍ୱର ମନ୍ଦିରରେ ଭଜନ ସମାରୋହ ସହ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମହାଦୀପ ଉଠିବା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଯାଁଳା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ୭ ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଆଜି ମହାଶିବରାତ୍ରିରେ ପୂର୍ଣ୍ଣାହୁତି ହୋଇଛି। ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଜାଗର ଉପଲକ୍ଷେ ଭଜନ ସମାରୋହ ଓ ୭ଦିନ ବ୍ୟାପି ବାଦିପାଲା ଅନୁଷ୍ଠିତ ହେବ। ନଁପୁଟ ଶିବ ମନ୍ଦିର,ଗଙ୍ଗପଡା ଗଙ୍ଗେଶ୍ୱର ମନ୍ଦିର, ମଦନପୁର, ଛତାବର ଆଦି ଶୈବ ପୀଠରେ ଆଜି ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି।



## ଜାଗରରେ ଦିବ୍ୟାଙ୍ଗ ବାପିନାଙ୍କ ଜଳଦାନ

ଭୁବନେଶ୍ୱର,୧୫ା୨(ସମିସ): ସେ ଭିନ୍ନକ୍ଷମ ହେଲେ ବି ସମାଜ ପ୍ରତି ତାଙ୍କ ଅବଦାନ ସବୁବେଳେ ତାଙ୍କୁ ସକ୍ଷମ କରିଛି। ଦେଉଳିଆପାଟଣାର ବାପିନା ମହାପାତ୍ର। ସେ ପ୍ରତିବର୍ଷ ଜାଗର ଭଳି ଦିନରେ ଲୋକଙ୍କୁ ଖରାରେ ଜଳଦାନ ଭଳି ସେବା ଯୋଗାଇ ଆସୁଛନ୍ତି। ଏଥର ମଧ୍ୟ ଜାଗରରେ ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ଦହିପଣା ପ୍ରଦାନ ସହ ଗ୍ଳୁକୋଜ୍ ପାଣି ପ୍ରଦାନ କରିଛନ୍ତି। ଏଥିରେ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟର ୧୦ ଛାତ୍ରଛାତ୍ରୀ ମଧ୍ୟ ସାହାଯ୍ୟ କରିଛନ୍ତି। ସକାଳ ୯ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ସେବା ଯୋଗାଇଥିଲେ ବାପିନା। ଏଥିରେ ପାଖାପାଖି ଦେଢ଼ ହଜାରରୁ ଅଧିକ ଲୋକଙ୍କୁ ଏହି ସେବା ମିଳିଥିଲା।



ମହାଶିବରାତ୍ରିରେ ଏହି ସେବା ଯୋଗାଇବା କ୍ଷେତ୍ରରେ ବଡ଼ରଘୁନାଥପୁର ଗ୍ରାମବାସୀଙ୍କ ମଧ୍ୟ ଢେର୍ ସହଭାଗିତା ଦେଖିବାକୁ ମିଳିଛି।

### ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଜାତୀୟସ୍ତରୀୟ ଭଜନ ସମାରୋହ

## ଡମ୍ବରୁ ବାଲେ ଶଙ୍କରା ତୁଝେ କରୁ ପ୍ରଣାମ...

ଭୁବନେଶ୍ୱର,୧୫ା୨(ସମିସ): ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୩୭ତମ ଜାତୀୟସ୍ତରୀୟ ଭଜନ ସମାରୋହ ରବିବାର ଲିଙ୍ଗରାଜ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଓ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍‌ପାଟି ଯୋଗଦେଇଥିଲେ। ଏହି ଅବସରରେ ଆରମ୍ଭ ହୋଇଥିଲା ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ପ୍ରଥମେ ଶ୍ରୀଜଗନ୍ନାଥ ଧାରାବାହିକର ନୀଳସିନ୍ଧୁ ତୀରେ ନୀଳାଚଳେ...ଗାଇଥିଲେ। ପରେ ପରେ ମୁମ୍ବଇ ବର୍ଦ୍ଧନ ସିଂହ ଡମ୍ବରୁବାଲେ ଶଙ୍କରା ତୁଝେ କରୁ ପ୍ରଣାମ..., ମୁମ୍ବଇର ନୀତିନ୍ ମୁକେଶ୍ ଜୋତ୍ ସେ ଜୋତ୍ ମିଲ୍‌ତେ ଚଲୋ..., ପ୍ରେମ୍ କି ଗଙ୍ଗା ବହତେ ଚଲୋ..., ବନାରସର ଖୁଶ୍‌ବୁ ତିୱାରୀ ହେ ଜଗନ୍ନାଥ ଚକା ନୟନ, ତୁ ସାମାଲେ... ଏ ଦୁନିଆ ବନାନେ ବାଲେ କହେକୋ ଦୁନିଆ ବନୟା.... ଭଳି ହୃଦୟ ଭରା ଭକ୍ତି ସଙ୍ଗୀତ ପରିବେଷଣ କରି ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି କରିଥିଲେ।

ସେହିପରି ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ଶ୍ରୀଚରଣ, କୁମାର ବାପି, ଶୈଳଭାମା ମହାପାତ୍ର, ସୌରଭ ନାୟକ, ଦିପ୍ତୀରେଖା ପାଢ଼ୀଙ୍କ ସମେତ ୩୦ରୁ ଅଧିକ ଆଗଧାଡ଼ିର କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ସଙ୍ଗୀତ ଜଗତର ଖ୍ୟାତନାମା କଳାକାର ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ “ଏକାମ୍ର ଶ୍ରୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅଭିଭାଷଣ ରଖିଥିଲେ। ତତ୍‌ସହିତ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂହ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସନତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।



ନୀତିନ୍ ମୁକେଶଙ୍କ ଭଜନରେ ମତୁଆଲା ହେଲେ ଦର୍ଶକ

## ଶିବରାତ୍ରି ପାଇଁ ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ରରେ ୧୮୦ ଦେଶର ଭକ୍ତ

ଭୁବନେଶ୍ୱର,୧୫ା୨(ସମିସ): ବିଶ୍ୱର ୧୮୦ ଟି ଦେଶରୁ ଲକ୍ଷ ଲକ୍ଷ ଭକ୍ତ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଦିବ୍ୟ ସାନ୍ନିଧ୍ୟରେ ଭବ୍ୟ ମହାଶିବରାତ୍ରି ଉତ୍ସବ ପାଳନ ପାଇଁ ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ରରେ ପହଞ୍ଚିଛନ୍ତି। ରୁଦ୍ର ପୂଜା - ଭଗବାନ ରୁଦ୍ରଙ୍କ ଉପାସନା ପାଇଁ ସମର୍ପିତ ଏକ ଶକ୍ତିଶାଳୀ ବୈଦିକ କ୍ରିୟା, ଗୁରୁଦେବଙ୍କ ଉପସ୍ଥିତିରେ ଭଗବାନ ଶିବଙ୍କ କରୁଣାମୟ ରୂପର ଉପାସନା ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ପ୍ରାଚୀନ ବେଦମନ୍ତ୍ର ‘ଶ୍ରୀ ରୁଦ୍ରମ୍’ ଉପରେ ଆଧାରିତ ଏହି ଆଚାର, ପରିବେଶକୁ ପବିତ୍ର କରିବା ସହ ସାମୂହିକ ସଚେତନତାକୁ ଉନ୍ନତ କରେ ଓ ବ୍ୟକ୍ତି ଏବଂ ସମାଜ ପାଇଁ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ ଆଣିଥାଏ ବୋଲି ବିଶ୍ୱାସ କରାଯାଏ। ଶିବରାତ୍ରିରେ ୨.୫ ରୁ ୩ ଲକ୍ଷ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ରବି ଶଙ୍କର କହିଛନ୍ତି, ଶିବରାତ୍ରି ହେଉଛି ଏହି ଭୌତିକ ଜଗତ ଓ ତୁମ ଅନ୍ତର୍ନିହିତ ସୂକ୍ଷ୍ମ ଜଗତ ମଧ୍ୟରେ ଏକ ସେତୁ। ଏହି ଆନ୍ତରିକ ଯାତ୍ରା ବହୁତ ଅଧିକ ବାହ୍ୟ ବ୍ୟସ୍ତତା ବା କୋଳାହଳ ସହିତ ସମ୍ଭବ ନୁହେଁ। ଏହା ଏକ ଆନ୍ତରିକ ସଂଯୋଗର ସ୍ଥାନ, ମନୋରଞ୍ଜନର ନୁହେଁ। କେହି ଏହାକୁ କେବଳ ଏକ ଧାର୍ମିକ କ୍ରିୟା ଭାବେ ଦେଖନ୍ତି, ଆଉ କେହି ମନୋରଞ୍ଜନ ଭାବେ, ଉଭୟକ୍ଷେତ୍ରରେ ସେମାନେ ପ୍ରଧାନ ବିଷୟକୁ ହରାନ୍ତି - ଯେ ଶିବରାତ୍ରି ହେଉଛି ଧ୍ୟାନମୟ ସଚେତନତା ବିଷୟରେ। ଆନନ୍ଦ ଓ ଭକ୍ତିରେ ଲୀନ ହେବାର ଅବସର।



## ଆର୍ଯ୍ୟ ସମାଜ ପକ୍ଷରୁ ମହର୍ଷି ଦୟାନନ୍ଦ ଋଷିବୋଧ ଉତ୍ସବ

ଭୁବନେଶ୍ୱର,୧୫ା୨(ସମିସ): ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦଙ୍କ ଋଷିବୋଧ ଉତ୍ସବ ରବିବାର ଆର୍ଯ୍ୟ ସମାଜ ପକ୍ଷରୁ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ମହର୍ଷି ଦୟାନନ୍ଦ ଆଜକୁ ୨୦୨ ବର୍ଷ ତଳେ ଭାରତବର୍ଷର ଗୁଜୁରାଟ ପ୍ରଦେଶ କାଥିକାବାଡ଼ ଜିଲ୍ଲାର ଟଙ୍କରା ଗ୍ରାମରେ ଏକ ସାମନ୍ତ ବ୍ରାହ୍ମଣ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ପବିତ୍ର ଶିବରାତ୍ରୀରେ ଉଜାଗର ରହି ଶିବଙ୍କୁ ଉପାସନା କରିବା ସମୟରେ ସେ ପ୍ରକୃତ ଶିବଙ୍କ ଦର୍ଶନ ପାଇ ବ୍ୟାକୁଳ ହୋଇ ଉଠିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର, ଅନ୍ୟତମ ଅତିଥି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ, ବେଦପାଠ ଓ ସ୍ୱାଗତ ଭାଷଣ ଏବଂ ପ୍ରମୋଦ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନଳିନୀକାନ୍ତ ରାଉତ ଓ ଭବାନୀକାନ୍ତ ରାଉତ ପରି.ଳନା କରିଥିଲେ।



### ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ପର୍ବ ଉଦ୍‌ଯାପିତ

## ‘ଓଡ଼ିଆ ଅସ୍ମିତା ଔଦ୍ଧତ୍ୟ ନୁହେଁ, ବରଂ ଅହଂର ଓଁକାର’

ଭୁବନେଶ୍ୱର,୧୫ା୨(ସମିସ): ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ପର୍ବର ମୁକ୍ତ ଅଧିବେଶନରେ ଓଡିଆ ଅସ୍ମିତା, ଭାଷା ଓ ସାହିତ୍ୟ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ରାଜନେତା ପ୍ରସାଦ ହରିଚନ୍ଦନ, ସମାଜସେବୀ ନମ୍ରତା ଚଢା ଓ ସୁଲେଖକ ଅଭିରାମ ବିଶ୍ୱାଳ ମତପ୍ରଦାନ କରି ଓଡିଆ ଅସ୍ମିତା ଔଦ୍ଧତ୍ୟ ନୁହେଁ, ବରଂ ଅହଂର ଓଁକାର ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକ ପୌରୋହିତ୍ୟ କରିଥିଲେ। ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ ସିଂହ ସ୍ୱାଗତ ସୂଚନା ଦେଇଥିଲେ। ଦୁଇଦିନ ମଧ୍ୟରେ ‘ଭାରତୀୟତା : ନୂଆ ସମୟ ନୂଆ ଭୂମିକା’ ପ୍ରସଙ୍ଗ ଉପରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କଲ୍ୟାଣ ରାୟ, ସୌମେନ୍ଦ୍ର ଜେନା, ନବଜ୍ୟୋତି ରାୟ ଓ ନେତାଜୀ ଅଭିନନ୍ଦନ ବକ୍ତବ୍ୟ ରଖିଥିଲେ। ‘ନେପଥ୍ୟରୁ ସ୍ୱର: କଣ୍ଠ କାରିଗର’ ଶୀର୍ଷକ ଆଲୋଚନାରେ ଭଏସ୍ ଆର୍ଟିଷ୍ଟ ସୁଧାକର ଦାସ, ରାକ୍ଷୀ ଦାସ ଓ ଶରତ ନାୟକ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ ‘ସମକାଳୀନ ଓଡିଆ କଥାସାହିତ୍ୟ: ଦୃଷ୍ଟିପାତ’ ଉପରେ ମୋନାଲିସା ମିଶ୍ର, ସ୍ୱାଗତିକା ସ୍ୱାଇଁ, ତପନ ମହାପାତ୍ର, ଆଶିଷ ଗଡନାୟକ ଓ ଅଧ୍ୟାପକ ଆଭାସ ବରାଳ ଆଲୋଚନା କରିଥିବାବେଳେ ‘ଓଡିଆ ଭାଷା: ଭବିଷ୍ୟତ ଓ ଆହ୍ୱାନ’ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ, ଅଧ୍ୟାପକ ଡ. ସଦାନନ୍ଦ ନାୟକ, ଡ. ଅମ୍ବରୀଶ ଶତପଥୀ ଓ ଡ. ହିମାଦ୍ରିତନୟା ମିଶ୍ର।



